# ତହସିଲଦାର ଙ୍କ କାର୍ଯ୍ୟାଳୟ ମ.ରାମପୁର,ଜିଲ୍ଲା- କଳାହାଣ୍ଡି

**ଲଘୁ ଖଣିଜ ଉତ୍ସ (ବାଲି ଖାଦାନ) ର 5 ବର୍ଷିଆ ଲିଜ ନିମନ୍ତେ**

**ଜଉମୁଦ ଟେଣ୍ଡର ଆହ୍ୱାନ**

ସଂଖ୍ୟା......୮୭୭....../ତୌଜି ତା.......୧୭-୩-.......2021

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ଲିଖିତ ଲଘୁ ଖଣିଜ ଉତ୍ସ କୁ ଟେଣ୍ଡର ମାଧମ ରେ ଦୀର୍ଘମିଆଦି ସୂତ୍ରେ 5 ବର୍ଷ ପାଇଁ ଲିଜ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଲିଜ ଅବଧି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ 2016 ଅନୁସାରେ ଶେଷ ପ୍ରକ୍ରିୟା କରଣ (ପରିବେଶ ମଞ୍ଜୁରୀ)ଠାରୁ ଆରମ୍ଭ ହେବ । ଏଥିପାଇଁ ନିର୍ଦ୍ଦିଷ୍ଟ ଫାରମ ରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ । ପୃଥକ ସଇରାତ ଉତ୍ସ ପାଇଁ ପୃଥକ ପୃଥକ ଫାରମରେ ଟେଣ୍ଡର କାଗଜାତ ଦାଖଲ କରିବାକୁ ପଡିବ । ଟେଣ୍ଡର ଫାରମ ସହିତ ସବିଶେଷ ବିବରଣୀ ଟ 1000/- ମୂଲ୍ୟରେ ତହସିଲ କାର୍ଯ୍ୟାଳୟ ରୁ ତା. 19.03.2021 ଠାରୁ ତା. 29.03.2021 ରିଖ ଅପରାହ୍ନ ଘ. 5.00 ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ ମଧରେ ତହସିଲ କାର୍ଯ୍ୟାଳୟର ନିଜାରତ ଶାଖାରେ ମିଳିପାରିବ । ସବିଶେଷ ବିବରଣୀ (ସର୍ତ୍ତାବଳୀ, ଚୟନ ପ୍ରଣାଳୀ ଇତ୍ୟାଦି) ଜାଣିବା ପାଇଁ ଦହସିଲଦାର, ମ.ରାମପୁର ଙ୍କ କାର୍ଯ୍ୟାଳୟ ର ତଉଜି ଶାଖା,ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ୱା www.kalahandi.nic.in ୱେବସାଇଟ ଲଗ୍‌ଅନ୍ କରନ୍ତୁ । ଏହି ଉତ୍ସ ଗୁଡିକ ମଧରୁ ଏକ ବା ଏକାଧିକ ଖଣିଜ ଉତ୍ସର ଟେଣ୍ଡର ପ୍ରକିୟା ନିମ୍ନସ୍ୱାକ୍ଷରକାରୀ କିମ୍ୱା ତାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦରଖାସ୍ତକାରୀ ଙ୍କୁ କାରଣ ନଦର୍ଶାଇ ରଦ୍ଦ କରି ପାରିବେ ।

**ଖଣିଜ ଉତ୍ସର ତଫସିଲ ଭୁକ୍ତ ଜମିର ବିବରଣୀ**

| କ୍ର.ନଂ | ବାଲି ଉତ୍ସର ନାମ | ମୌଜା | ଖାତା.ନଂ | ପ୍ଲ. ନଂ. | କିସମ | ଲିଜ ରକବା(ଏକର ରେ) |
|---|---|---|---|---|---|---|
| 1 | ଜାର୍କା ବାଲିଘାଟ | ଜାର୍କା | 26 | 114 | ନଦୀ | 9.95 |

ତହସିଲଦାର, ମ.ରାମପୁର

ଜ୍ଞାପକ ସଂଖ୍ୟା........୮୭୪....... ତା.......୧୭-୩.......2021

ଏହାର ଏକକିତା ନକଲ D.I.O, N.I.C, Kalahandi ନିକଟକୁ ଜିଲ୍ଲା ୱେବସାଇଟ ରେ ପ୍ରକାଶ କରିବା ପାଇଁ ଅନୁରୋଧ କରି ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ମ.ରାମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ / ମ.ରାମପୁର ଥାନା ର ଅବଗତି ଏବଂ ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ / ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ର ଅବଗତି ଏବଂ ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଲଘୁ ଖଣିଜ ଉତ୍ସ ଥିବା ସମ୍ପୃକ୍ତ ଗ୍ରାମ ମାନଙ୍କର ପ୍ରମୁଖ ସ୍ଥାନରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲାପାଳ କଳାହାଣ୍ଡିଙ୍କ କାର୍ଯ୍ୟାଳୟ / ଉପଜିଲ୍ଲାପାଳ ଭବାନିପାଟଣା ଙ୍କ କାର୍ଯ୍ୟାଳୟ ର ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,
ମ.ରାମପୁର